ଠନ୍ ଠନ୍ ଗୋପାଲ୍

(କୋସ୍‌ଲି ଗିତ୍ ଗେଛା)

ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ

ଠନ୍ ଠନ୍ ଗୋପାଲ୍
(କୋସ୍‌ଲି ଗିତ୍ ଗେଛା)

THAN THAN GOPAL
(An Anthology of Koshali Poems)

ଗିତ୍‌ବାଂଧୁ
ସଞ୍ଜୟ ଆନନ୍ଦ କୁ. ତ୍ରିପାଠୀ
ବାନ୍ଧନଘୋର, ବଲାଙ୍ଗୀର
ମୋ ୯୮୬୧୦୦୯୪୩୬

Poet :
Sanjaya Ananda K. Tripathy
Bandhanghor, Bolangir
Cell : 9861009436

ପ୍ରକାଶିକା
ଶ୍ରୀମତୀ ନୀହାରିକା ତ୍ରିପାଠୀ
କ୍ୱାଟର ନଂ : ଇ-୮/୪, ୟୁନିଟ୍ - ୮
ଭୁବନେଶ୍ୱର - ୭୫୧୦୧୨
ମୋ : ୯୦୯୦୧୮୯୪୩୬

Publisher :
Smt. Niharika Tripathy
Qr. No. E-8/4, Unit - 8
Bhubaneswar - 751012
Cell : 9090189436

ମଲାଟ ଫଟୁ
ପ୍ରଶାନ୍ତ କୁମାର ସେନାପତି

Cover Design
Prasant Kumar Senapati

ଅଖେର ସଜା ଆଉର୍ ଛପା:
ଶ୍ରଦ୍ଧାଞ୍ଜଳି, ଭୁବନେଶ୍ୱର

Page Layout & Printer :
Shradhanjali
Bhubaneswar

ପହେଲା ପ୍ରକାଶନ
ସରାବନ୍‌ପୁନି - ୨୦୧୪

1st Edition :
Shrabana Purnima
2014

© ସର୍ବସତ୍ୱ ସଂରକ୍ଷିତ

© Copyright Reserved

ଦାମ୍ : ୪୦ ଟଙ୍କା
(ଚାଲିସ୍ ଟଙ୍କା)

Price : Rs. 40.00
(Rupees Forty Only)

ଉତ୍ସର୍ଗ

କୋସ୍‌ଲି ଗିତ୍ କେ ଭଲ୍ ପାଉଥିବା
ପଢୁଆ ମାନ୍‌କର ହାତେ....

- ଗିତ୍‌ବାଂଧୁ

ପୂର୍ବାଭାସ

ସତ୍ କହେଲେ ଛାତି ଫାଟେ । ଛାତି ଫାଟୁ ପଛେ ସତ୍‌ଟା ସତ୍ । କଲମ୍ ଜଦି ହାତ୍‌କେ ଟାନ୍‌ଲା ନାଇଁ ଲେଖି କରି ବାଟ୍ ଅଛେ । ସହେ ଡୁନ୍, ଏକା ନୁନ୍ । ଲେଖା ଭିତ୍‌ରେ ନୁନ୍ ହଉଛେ ଇ ବ୍ୟଙ୍ଗ ଲେଖା । ତାର୍ ମଜା ଜିଏ ପାଇଛେ, ସେ ଜାନିଛେ । ନୁନ୍‌ର ମଜା ସାନ୍ ବେଲୁ ପାଇକରି ଏତେ ବଛର ପରେ ନୁନ୍ କେ ବଜାର୍ କେ ଛାଡୁଛେଁ । ଇ ଭିତ୍‌ରେ କେନ୍‌ଟା ଗୁଡ଼ା ନୁନ୍, କେନ୍‌ଟା ଆୟୋଡ଼ିନ୍ ନୁନ୍, କେନ୍‌ଟା ସନ୍ଧବ ନୁନ୍ ଖାଉର କେନ୍‌ଟା ଗୁଲାପି ନୁନ୍ ଆପନ୍‌ମାନେ ହିଁ କହେବେ ।

'ଠନ୍ ଠନ୍ ଗୋପାଲ୍' ଥି ବଟିକା, କେପ୍‌ସୁଲ୍ ମୁଦକ୍ ସବୁ ଅଛେ । ଇଥି ପଡ଼ିଥିବା ନୁନ୍‌ର ମାତ୍‌ରା ଆପନ୍ ଖାଇକରି ମତେ ଖବର୍ କଲେ ଆରଥର ବନାଲା ବେଲ୍‌କେ ତର୍‌କି କରି ବନାମି । ଭୁଲ୍ ଭଟ୍‌କା ଥିଲେ ସାନ୍ ଲୋକ୍ ବଲି ଛାଡ଼ିଦେବେ, ଲେକିନ୍ ମତେ ଜରୁର୍ କହେବେ ।

ଆପନ୍ ମାନ୍ କର୍ ହାତେ ଇଟାକେ ଟେକି ଦଉଛେଁ ।

ଗିତ୍‌ବାଂଧୁ
ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ

ସୂଚୀ

	କାଣା	କେନ୍‌ଠାନେ
୧.	କମିଟି	୦୭
୨.	ଟେବୁଲ୍-ମୁଚଲା	୦୭
୩.	କୁଜି ନେତା	୦୮
୪.	ଭାଷଣ	୦୮
୫.	ଆଧୁନିକ ନାରୀ	୦୯
୬.	ସଁଢ୍	୦୯
୭.	ବିରୋଧି ଦଲ୍	୧୦
୮.	ମାଷ୍ଟର	୧୦
୯.	ମାଷ୍ଟ୍ରେନ୍	୧୧
୧୦.	ସହରିଆ	୧୧
୧୧.	ସବୁ ବାସ୍‌ରି ଦେଲା	୧୨
୧୨.	ପ୍ରଶ୍ନ କେ ଉତ୍ତର	୧୨
୧୩.	ଭୋଟ	୧୩
୧୪.	ଡିକ୍‌ସିନାରୀ	୧୩
୧୫.	ଖ୍ୟାତି	୧୪
୧୬.	ସାମ୍ୟାଦିକ	୧୪
୧୭.	ସାହେବ୍ ପୁଓ	୧୫
୧୮.	ଭୋଟ୍	୧୫
୧୯.	ଚାମ୍‌ଚା	୧୬
୨୦.	ସରକାରୀ ମାମୁଁ	୧୬
୨୧.	କୁନୁଆଁ	୧୭
୨୨.	ମିଟିଂ	୧୭
୨୩.	ଲାଁଚ୍	୧୮
୨୪.	ଡାକ୍ତର	୧୮
୨୫.	ଅଧ୍ୟାପକ	୧୯
୨୬.	ଭଦର୍ ଲୋକ୍	୧୯
୨୭.	ହରତାଲ୍	୨୦
୨୮.	ରାଜନୀତିଜ୍ଞ	୨୦
୨୯.	ଜୀବନବୀମା	୨୧
୩୦.	ସମାଲୋଚକ	୨୧
୩୧.	ସହର	୨୨
୩୨.	ଦରଦାମ୍	୨୨

୩୩. ନେତା ୨୩
୩୪. ନର୍ସ ୨୩
୩୫. ନେତାକେ ନାଇଁପାର ଧରି ୨୪
୩୬. ନେତା ବଡ଼େ ଚତୁର୍ ୨୪
୩୭. କୁଇଲି ବଲି ପଛେ ପଡିକରି ୨୫
୩୮. କମିଶନ୍ ୨୬
୩୯. ପାଁଚ୍ ବଛର୍ ୨୭
୪୦. ମୋବାଇଲ୍ ୨୮
୪୧. ଅଭିଯୋଗ ୨୯
୪୨. ନେତା ୩୦
୪୩. ଇଣ୍ଟରଭିଉ ୩୧
୪୪. ଚକ୍‌ମା ୩୨
୪୫. ଜଙ୍ଗଲ ଭୋଟ୍ ୩୩
୪୬. ଗାଏ-ବାଘ୍-ଦାମୁର୍ ୩୪
୪୭. ପେପର୍ ୩୬
୪୮. ହାଏରେ ଫଟା କପାଲ୍ ୩୭
୪୯. ଧରମ୍ ସଲା ୩୯
୫୦. ଦଏବି ଦେଇଛେ ଭେଟ୍ କରି ୪୦
୫୧. ଠନ୍ ଠନ୍ ଗୋପାଲ୍ ୪୧
୫୨. ଚଉପଦି ୪୨
୫୩. ସୁନ୍‌ରେ ପୁତା ୪୩
୫୪. ଦେଖିଲେ ହଁସୁଥିଲା ୪୪
୫୫. କେନ୍ କଥାକେ ହେଲୁଆ ୪୫
୫୬. ଗାଁଟା ବଦ୍‌ଲି ଜଉଛେ ୪୬
୫୭. ନେତା ୪୭
୫୮. ଦାତା-ଦଏବ ୪୮
୫୯. ଜିତ୍‌ଲା ପରେ ୪୯
୬୦. ଲଚଙ୍ଗ୍‌ଫସ୍ ୫୦
୬୧. ଦର୍‌ବୁଢ଼ା ୫୧
୬୨. ମଶା ୫୨
୬୩. ମନ୍ତିରି ୫୩
୬୪. ନେତାକେ ଚଉକି.... ୫୪
୬୫. ଭୋଟ୍ ଚିର୍‌କୁଟି ୫୫
୬୬. ଭୋଟ୍ ଚିର୍‌କୁଟି ୫୬

କମିଟି

ଅଦରକାରୀ ବୁଢ଼ା, ହଡ଼ା
ଚୋର୍, ଚୁହାଡ୍ ବିରି ଆଟେଁ ଠୋଲ୍,
ସବୁ ମାସେ ମିଟିଂ କରି ଖାଏସନ୍
ମଦ୍ ଆର୍ କୁକରା ଝୋଲ୍ ।
ଉଜନ୍ ଥଉ ନି ଥଉ ଫାଲ୍ ଫାଲ୍
ରିପୋଟ୍ ଲେଖି ଦେସନ୍
ସରକାର୍ ହଁ ବଲୁ ନାଇଁ ବଲୁ
ତାଁକର୍ ନାଇଁନ ଟେନ୍ସନ୍ ।

।।

ଟେବୁଲ୍-ମୁଚଲା

ବଡ଼ା ମୁସ୍କିଲିଆ ଲୁକଟେ ଆପନ୍
ଦିନ୍ ଦୁଇ ପହରେ ଅଫିସ ଭିତ୍‌ରେ ସୁଇଛନ୍,
ସେଆଡ଼େ କେତେ କାଣା ହେଲାନ
ଆପନ୍ କାଏଁ ନିଦର୍ ବଟିକା ଖାଇଛନ୍ ।
ମୁଇଁ ସବୁ ଜାନୁଛେଁ, ସୁନୁଛେଁ
ହେଲେ କାଣା କରି ପାର୍‌ମି,
ଝୁମୁରା ମାଡ଼ି ଆଉଛେ, ଇଟା ଅଫିସ୍ ଆଏ
ଟେବୁଲ ଆସ୍‌ରା, ମୁଚ୍‌ଲା କେନୁ ମଗାମି ।

।।

କୁଜି ନେତା

ଆଗ୍‌କେ ଆଗ୍‌କେ ଚାଲ
ଟାଁ ଟି ଫଟେଇ କହେସି,
ଜାର୍ ଖାଏଲା, ତା'ର୍ ଗାଏଲା
କହେଲେ ଦେସି ହଁସି ।

ତମେ କାଣା ଜାନ୍‌ବ
ଭିତର୍ ମୁଜି କଥା,
ଜେନ୍ ଆଡ଼େ ବର୍‌ଷା
ସେଆଡ଼େ କର୍‌ସିଁ ମୋର୍ ଛତା ॥

। ।

ଭାଷଣ

ରାଏତ୍ ସାରା ଉଜାଗର୍ ହେଇ
ଫାଲ୍ ଫାଲ୍ ଲେଖିଥିସନ୍,
ପାହାନ୍ତିଆନୁ, ଗାଡ଼ିଥି ବସି କରି
କହେବାର୍ ତକ୍ ପଢୁଥିସନ୍ ।
ବୁଝୁନ୍ କି ନାଇ ବୁଝୁନ୍ ଲୋକ୍
ତାଲି ମାରୁଥିସନ୍,
ଅଧାଲୋକର ମୁଡ଼ ଖରାପ ହେସି
ଚଉକିଥି ଶୁଇ ପଡ଼୍‌ସନ୍ ।

। ।

ଆଧୁନିକ ନାରୀ

କପାଳେ ସିନ୍ଦୁର୍ ନାଇନ
ଟିକିଲି ମାରିଦେଇଛେ,
ଗୁଟେ ଖାକେ ଭେନିଟି ଝୁଲାଇ
ହାତେ ମୋବାଇଲ୍ ଧରିଛେ।
ଚୁଡ଼ି ପିନ୍ଧିଛେ କି ଘଡ଼ି ପିନ୍ଧିଛେ
ଭଲ କରି ଦେଖିଲେ ଜାନ୍‌ବେ,
ମାଇ ଆଏ କି ଅଣ୍ଡିରା ଆଏ
ଘଡ଼େ ଭାବ୍‌ଲେ ଯାଇ କହେବେ।

।।

ସାଁଡ୍

ଭୁଲାବାବାର ଲୋକ୍ ବଲିକରି
କାହାର୍ କଥା ନାଇଁ ସୁନେ,
ରାସ୍ତା ମଝିଥି ଦଉଡୁଥିସି
କାହାକେ ନାଇଁ ମାନେ।
ସୁଇ ଦେଇକରି କେତେବେଲେ
ଟ୍ରାଫିକ୍ ପୁଲିସ୍ ହେଇ ଯାଏସି,
କାହିଁ ଖଉ କାହିଁ ସୁଉ
ବେଫିକର୍ ହି ଥାଏସି ।

।।

ବିରୋଧି ଦଲ୍

ଭିତ୍‌ରେ କୁଡ଼ା, ତୁସା
ବାହାରେ ମୁଲ୍‌କି ହସା ।
ଭିତ୍‌ରେ ସଲା, ଭେନେଇ
ବାହାରେ ଭାଇ, ଭାଇ ॥

ସରକାର ହଁ ବଏଲେ ନାଇଁ ବଲସନ୍
ନାଇଁ ବଏଲେ, ହଁ ବଲସନ୍, ।
ଦରମା, ଭତ୍ତା ବଢ଼୍‌ଲା ବିଲ୍‌ଥି
ଦୁଇ ହାତ ଟେକିଦେସନ୍॥

। ।

ମାଷ୍ଟର

କେତେବେଲେ ଜନଗଣନା
କେତେବେଲେ ଭୋଟର୍ ଲିଷ୍ଟ,
କେତେବେଲେ ବି.ପି.ଏଲ୍ ସର୍ଭେ
ସବୁନ ଇମାନେ ଫିଟ୍ ।
ଚଉଲ୍, ଡାଏଲ୍, କାଠ୍ ଚୁଇଲ୍
ଆର୍ ଦିନେ ଦିନେ ଅଣ୍ଡା,
ଧଏନ୍ ଇମାନେ ଧଏନ୍ ସର୍‌କାର୍
ମିଜାଜ୍ ରଖୁଛନ୍ ଥଣ୍ଡା ।

। ।

ମାଷ୍ଟ୍ରେନ୍

କେଭେ ଦସ୍, କେଭେ ଏଗାର
କେଭେ ବାଜି ଜାଏସି ବାର,
ମଧ୍ୟାହ୍ନ ଭୋଜନ ଆଗ୍‌ରୁ କିନ୍ତୁ
ବାଧ ହେସନ୍ ହାଜର୍ ।
ଭେନଟି ବେଗ୍ ଆର ମୋଇବାଲ୍
ବେଗ୍ ଭିତ୍‌ରେ ଥିସି ଉଲ୍,
ସବୁବେଲେ ବୁନୁଥିସନ୍
କେଭେ ହାପ୍ କେଭେ ଫୁଲ୍ ।
। ।

ସହରିଆ

ରେଲ୍ ଟେସନ୍ ଲେଖେଁ
ଗୁର୍ଦୁ ଲୋକ୍‌ଯିଏ ଯାହାର୍ ବାଟେ,
ପାସର୍ ଲୋକ୍ ଭି ନାଁ ନାଇଁ ଜାନେ
ଦାଁତ୍ ଦେଖାସି ଭେଟ୍ ହେଲେ ହାଟେ ॥
ବାଟେ ପଡ଼ିଥିଲେ ଦେଖୁଥିବେ
ପାସ୍‌କେ ନାଇଁ ଆସନ୍,
ତଥାପି ଗାଁ ନୁ ଲୁକେ ଯାଇ କରି
ସହରିଆ ବଲି କହେସନ୍ ।
। ।

ସବୁ ପାସ୍‌ରି ଦେଲା

ହାତ୍ ଜୁଡ଼ି କରି ଫଟୁ ଛାପିଥିଲା
ସତେ ଫେଭିକଲ୍ ଲାଗିଥିଲା,
ମାଁ କେ ମାଏସି, କାକି କେ ପିଉସୀ
ଯାହା ଟୁଡେଁ ଆସ୍‌ଲେ କହୁଥିଲା ॥

ଭୋଟ୍ ଥି ଜିତିଗଲା ପରେ ଦେଖ
ସବୁ ପାସ୍‌ରି ଦେଲା,
ତେଲିଆ ଗୁର୍‌ଦୁ ଚାରିଆଡ଼େ ଧରି
କରୁଛେ କେତେ ପାଲା ॥

। ।

ପ୍ରଶ୍ନ କେ ଉତ୍ତର

ଲାଁଚ କଲେକ୍‌ସନ୍ ଯିଏ କର୍‌ସି
ସେ ତ କଲେକ୍ଟର,
୍‌କମିଶନ୍ ଯିଏ ନେସି
ସେତ କମିସନର୍ ॥

ଇଣ୍ଟରଭିଉ ଥି ଉତର୍ ଶୁନି
ମୁଡ୍ କିନ୍ଦିରିଗଲା,
କମିଟି ମେମ୍ବର୍ କ ହେଲେ
ଧଏନ୍ ଧଏନ୍‌ରେ ପିଲା ॥

। ।

ଭୋଟ

ପିଲା - ବା' ଗୋ ଦେଖିବୁ ଆ
କେତେ ଲୋକ ଆଇଛନ୍
ଆମର ଗାଁ କେ ବିଜ୍‌ଲି, ପାନି
ସବୁ ଆଏବା ବଲି କହୁଛନ୍ ।

ବାପା - ପାଁଚ ବଛର୍ ପରେ ଇ କାନ୍
ସେ କଥାଟା ସୁନୁଛେ
ଯାହା ହଉ ନି ହଉ
ଭୋଟ୍ ଆସିଗଲା ମୋର ମନ୍‌ଟା କହୁଛେ ।

।।

ଡିକ୍‌ସିନାରୀ

ଯାହାର ଅର୍ଥ ଖୁଜୁଥିବ
ସବୁଯାକ ମିଲ୍‌ସି,
ଅଧାପଢ଼ା ବି ପଢ଼ି କରି
କେତେ କଥା ଜାନ୍‌ସି ।
ହେଲେ ଗୁଟେ ଅଡୁଆ କଥା
ଇଠାନେ ବି ଥାଏସି,
ବିହାର୍ ଆଗରୁ ଛାର୍‌ରୀ ଆଏବା
ଅଡୁଆ ଅଡୁଆ ଲାଗ୍‌ସି ।

।।

ଖ୍ୟାତି

ଗାଁ ନୁ ଦିଲ୍ଲୀତକ ଚାରିଆଡ଼େ
ତାଁକର କାଟ୍‌ତି
ପାଠ୍ ନାଇନ ସାଠ୍ ଖାଲି
ସବୁଦିନ ଛାଡ଼ସନ୍ କାତି ।
ଇତାକେ ଧର, ତାହାକେ ମାର
କହେସି ଫୁଲେଇ ଛାତି,
ବୁଝ୍‌ଲ କି ନାଁଇ ବୁଝ୍‌ଲ
ଇ ପରେ ମନ୍ତ୍ରୀଙ୍କର୍ ନାତି ।

।।

ସାମ୍ବାଦିକ

ଧୂପକାଠି ଆଉର୍ ଡଟ୍‌ପେନ୍ ଲେଖେଁ
ସବୁଆଡ଼େ ମୁଡ଼ା, ମୁଡ଼ା,
ଅଏଖର୍ ଗୋଲ ନାଇଁ, ଧାଡ଼ି ଛାଟ୍ ନାଇ
ହାତେ ନାଇଁ ସିଝେ ଖଡ଼ା ।
ଭାସାର୍ ଗିଆନ୍ ଟିକେ ନାହିଁ
କଥା ପଦେ ନାଇଁ ଜାନେ କହି
ଟାଡ଼ି ଦେମି ବଲି କହୁଛେ,
ଗାନ୍ଧୀ ଛାପ୍ ଦେଲେ ଫୁସ୍ ହେଇଯିବା
ଖାଲି ଦପ୍‌ଦପ୍ ହଉଛେ

।।

ସାହେବ୍ ପୁଓ

ସାହେବର ପୁଓର ମୁତ୍ ଭି
ଗୁଲାପ୍ ଲେଖେନ୍ ବାସୁଛେ,
ବଦ୍‌ଲି ହେବା ବଲାଙ୍ଗେର
ଯଦି କହେବ ଇଟା ଗନ୍ଧୁଛେ ।
ରାଜଧାନୀ ନିସା ଫାକିଯିବା
ସବୁ କରିଦେବେ ଗୋଲ୍‌ମାଲ୍,
ଆର୍‌ଥରେ ଆଏଲା ବେଲ୍‌କେ
ଦାଁତ୍ ଝଡ଼ି କରି ପାଚି ଯାଇଥିବା ବାଲ୍ ।

।।

ଭୋଟ୍

ଗୁଟେ ଭୋଟ୍ ଥି ଖାଲ୍ କୁଡ଼୍‌ଲେ,
ଆର୍ ଭୋଟଥି ଗାଡ଼୍‌ଲେ ଖୁମା
ଆର୍‌ଥର୍‌କେ ତାର ଟାନ୍‌ବେ,
ଲାଇନ୍ କେଭେ ଦଉଛନ୍ ଦେଖ୍‌ମା ।
ସବୁ ଅର୍ଦ୍ଦଲୀ ସରିଗଲେ
କାଣା କହି ଭୋଟ୍ ମାଗ୍‌ବେ,
ଥରେ ଗଲେ ତ ପାଁଚ୍ ବଛର୍
ଭୋଟ୍ ସରିଗଲେ କାଏଁ ଆଏବେ ।

।।

ଚାମ୍‌ଚା

ଭୋଟ୍‌ର - ବଡ଼ା ମୁସ୍କିଲିଆ ଲୁକଟେ ଆପନ୍
କେଭେ ହାତେ ମାର ବଲି କହୁଛନ୍,
କେଭେ, ଫୁଲେ ମାରତ କେଭେ
ଶଁଖ୍ କେ ଚିନ୍‌ହ ବଲି କହୁଛନ୍ ।
ଚାମ୍‌ଚା - ମୋର କାଣା ଅଛେ
ଯାର୍ ଖାଏଲି, ତା'ର ଗାଏଲିଁ
ସବୁ ଯାକ ତ ଏକା,
ତମର ମନ୍‌କେ ଯେନ୍ତା ଲାଗୁଛେ ସେନ୍ତାକର
ଯିଏ ହଉ ପଛେ ଛେତ୍ କା ।

।।

ସରକାରୀ ମାମୁଁ

ମାମୁଁ ବଏଲେ ବାପାର୍ ସଲା,
ସଲାତ ସବୁ ସାର୍‌ଲା,
ଛକେ ମାମୁଁ କେ ଦେଖ୍‌ବ ଚାଲ
କେନ୍ତା କରୁଛେ ପାଲା ।
କନ୍‌ଘୁଚିଆ ଠିଆ ହେଇ କରି
ଗାଡ଼ି ମାନ୍‌କୁ ଧର୍‌ଲା,
ପଠେଇ ଦେସି ବରାବାଲାର୍ ନିକେ
ସେଠାନେ ରଖିଛେ ଝୁଲା ।

।।

କୁନୁଆଁ

ଦୁଇ ବେଲାକେ ଦୁଇ ଖଲି
ମାଡ଼ି କୁଟି କରି ଖାଉଛ
ମୋର୍ ପିଲା ଛୁଆ ଅଛନ୍ ବଲି
ତମେ ତ ପାସ୍‌ରି ଦେଇଛ ।

ଦସ୍‌ରା ବେଲ୍‌କେ ଆଇଥିଲ
ହେଲାନ ପୁସ୍‌ପୁନି,
ମନ ଖୁଲିକରି କହିଦିଅ
କେନ ଫଗୁନ୍ ପୁନି ।

।।

ମିଟିଂ

କାହାର କଥା କିଏ ନାଇଁ ସୁନେ
ଲାଗିଥିସି ହରି ହାଟ୍,
ତାଲି ବାଟେ ତାଲି ବାଜୁଥିସି
ଯା'ର ବାଟେ ତା'ର ପାଠ୍ ।
ଡେରି ହେଇଗଲେ ତଲ୍ ଉପର୍
ମୁହୁଁ କେତେ ଫୁଲାଫୁଲି,
ଟାକି କରି ସବୁ ବସିଥିସନ୍
କେତେବେଲେ ପଡ୍‌ବା ଖଲି ।

।।

ଲାଁଚ୍

ଚାହା, ପାନ ଖାଏବେ ବଲି
ଧରେଇ ଦେଲେ ନେସି,
ଚେହେରା କେ ବଦ୍‌ଲେଇ ଦେଇ
ମନ୍‌କେ କର୍‌ସି ଖୁସି ।
ନାଇଁ ହେଲେ କେତେ କୁଡ଼ା, ତୁସା
ଗୁଟ୍ ଗୁଟ୍ କରି ଦେଖ୍‌ସି,
ଆର ପାଲି କେ ଆଏବ ବଲି
ମୁଁହୁ ଫୁଲେଇ କହେସି ।

। ।

ଡାକ୍ତର

ବେମାର୍ କଥା କହେଲା ଆଗ୍‌ରୁ
ଟାର୍ କଲମ୍ ଚାଲୁ କର୍‌ସି,
ବଟିକା, ସିରପ୍, କେପ୍‌ସୁଲ୍ ସାଂଗେ
ଝାଡ଼ା, ମୁତ୍ ପରୀକ୍ଷା ଲେଖିଦେସି ।

ଛାଡ଼୍‌ବା ଆଗରୁ ସବୁ
ଛଡ଼େଇ ନେଇ ଯାଏସି,
ମର୍‌ଲା ଲୋକ୍‌କେ ଭି
କିଛି ନାଇଁ ହୁଏ ବଲି କହେସି ।

। ।

ଅଧ୍ୟାପକ

ଦିନେ ଗଲେ ଦୁଇଦିନ ନାଇଁ ଜାନ୍
ନାଁ କଲେଜ୍‌ଥି ଥିସି,
ମାସ୍ ପୁରଲେ ବିଡ଼ା ବିଡ଼ା
ନୋଟ୍ ଭି ଘର୍‌କେ ଆଏସି ।

କଲେଜ ଥି ପିଲା ଥଉନ୍ ନି ଥଭନ୍
ଘର୍ କେ ଗୁର୍ଦୁ ଆଏସନ୍
କୋଚିଂ ସେଣ୍ଟରଥି ସବୁବେଳେ
ଅଧ୍ୟାପକ ବଲି ସଭେ ଜାନ୍‌ସନ୍ ।

।।

ଭଦର୍ ଲୋକ୍

ରୁମାଲ ରଖି କରି ବସ୍‌ଥି
ସିଟ୍‌ଟା ମାଡ଼ି ବସ୍‌ସନ୍,
ପାଖେ ବୁଢ଼ା ବୁଢ଼ୀ ଠିଆ ହେଲେ ବି
ନି ଜାନ୍‌ଲା ବାଗିର୍ ଥିସନ୍।

ଉତିରିଲା ବେଲ୍‌କେ ଇଆଡ଼େ ସିଆଡ଼େ
ଦେଖି କରି ଟୁକେଲ୍ ନୁରୁଥିସନ୍,
ଡାକି କରି ସିଟ୍ ଛାଡ଼ି ଦେଇ
ଭଦର୍ ଲୋକ ବଲ୍‌ସନ୍ ।

।।

ହରତାଲ୍

ସୁର୍ସୋ ଫୁଟୁ କି ବମା ଫୁଟୁ
ଉଖି ଖାଲି ଦରକାର୍ ।
ରୁଗି, ବେମାରି, ପିଲା, ବୁଢ଼ା
କାହାକେ ନାଇଁ ଛାଡ଼ବାର୍ ।

ପିଲାଟି ମାଏଝିକେ
ନେଇଥିଲେ ହସ୍ପିଟାଲ୍
ଛୁଆ ହେବା କେ ଡେରି ହେବାନୁ
କରିଦେଲେ ହର୍ତାଲ୍ ।

।।

ରାଜନୀତିଜ୍ଞ

ହାତ୍ ଜୁଡ଼ି କରି ଫଟୁ ଛାପିଥିଲା
ସତେ ଫେଭିକଲ୍ ଲାଗିଥିଲା,
ମାଁ କେ ମାଏସି, କାକି କେ ପିଉସି
ଯାହା ଟୁଁଡେ ଆସ୍ଲା କହୁଥିଲା ।

ଭୋଟ ଆଗ୍ରୁ ଘରେ ଘରେ ଆସି
ତୁମର ହାତ ହଲଉଥିଲା
ଭୋଟ ସରିଗଲା ବଲି ହେଲା
ସମ୍ କର ବିଶ୍ୱାସ୍ କେ ଦୁହୁଲେଇ ଦେଲା ।

।।

ଜୀବନବୀମା

ପାଁଚ ଦେଲେ ପନ୍ଦର ପାଏବ
ନାଇଁ ରହେ ଟେନ୍‌ସନ୍
ବୁଝେଇ ବୁଝେଇ ଏଜେଣ୍ଟ୍
ଦିମାଗ୍ ଧୂଲେଇ କର୍‌ସନ୍ ।

ଜୀବନ୍ ଯାକର ଗରିବ୍ କରି
ପଏସା ଟାନି ନେସି
ମରିଗଲେ ଧନୀ ହେବ
ସପନ୍ ଦେଖେଇ ଥିସି ।

।।

ସମାଲୋଚକ

ଜୀରା ନୁ ସିରା କାଢୁ ଥିସି
କେବେ ସଲ୍‌ଖେ ନାଇଁ
ଯାହାକେ ଦେଖିସି ଇନୁ ସେନୁ
କଥାଟେ ଦେସି କହି ।

ଗୋଡ଼୍ ନାଇଁଥିବା
ଲୋକ୍ ଗୁଟେ ଆଏ
ଫିର୍ ଭି ନରଦି ବାର୍
ସିଖାମି ବଲି କହେ ।

।।

ସହର

ଲୋକ ଗୁର୍ଦୁ ଥିଲେ ଭି
ଏକ୍‌ଲା ଏକ୍‌ଲା ଲାଗ୍‌ସି,
ଝନେ କେ ନାଇଁ ସେ ସମ୍‌କୁ
ଅଲ୍‌ଗା ଅଲ୍‌ଗା ଲାଗ୍‌ସି ।

।।

ଦରଦାମ୍

ଇ ଗୁଟେ ଜିନିସ୍
ସବୁ ବିଦ୍ୟାକେ ଡରାସି
ସବୁବେଲେ ଉପର୍ ମୁହାଁ
କେଭେ କେନ୍ତା ତଲ୍‌କେ ଆଏସି,
ମାଧ୍ୟକର୍ସଣ ନିଅମ ନାଇଁ ମାନେ
ଦିମାଗ୍ ଖରାପ୍ କରସି
ଲୋକମାନକର୍ କଥା ଛାଡ଼
ନିଉଟନର କଥା ଫେଲ୍ ମାର୍‌ସି ।

।।

ନେତା

ମୁସ୍କିଲିଆ ଲୁକଟେ
ଖାଲି କିରିଆ କରୁଥିସି,
ନଏଦ୍ ନାଇଥିଲା ଠାନେ ଭି
ପୁଲିଆ ବନାମି କହେସି ।

ମାଇକ୍ ଠାନୁ ଆହୁରି ରିସେ
ସଭାନେ ଗର୍‌ଜୁ ଥିସି,
ପଥର, ଅଣ୍ଡା ବର୍‌ସି ଗଲେ
ଜୀବନ ବିକ୍‌ଲେ ପଲାସି ।

।।

ନର୍ସ

ସୁଇଥିଲା ବେଳେ ଆସି
ତମ୍‌କେ ଉଠେଇ ଦେସି,
ସୁଇବ ବଲି ନିଦର୍ ବଟିକା
ଆରୁ ପାଏନ୍ ଗିଲାସେ ଦେସି ।

ମୁଲ୍‌କି ହସି ଦେଖି କରି
ନାଡ଼ିର୍ ଗତି ବଢ଼ି ଯାଏସି
ବାପ ହଉକି ପୁଅ ହଉ
ଦିଦି ବଲିକରି ଡ଼ାକ୍‌ସି ।

।।

ନେତାକେ ନାଇଁପାର ଧରି

ନେତାକେ ନାଇଁପାର ଧରି
ଭୋଟ୍ ଏଭେ ପରେ ଗଲା ସରି ।
ଜିତିଗଲେ ଜିବା ରାଜ୍‌ଧାନୀକେ
ପାସ୍‌ରି ଦେବା ଇ ଗାଁ ପାନିକେ ।
ରାଜ୍‌ଧାନ ଥି ଯଦି ଭେଟ୍ ପଡ଼ବା
ଚାର୍‌ନି ହଜାଲା ମୁହୁଁ କର୍‌ବା ।
ପାଁଚ୍ ବଛର୍ ତକ୍ ମୁହୁଁ ଲୁକାବା
ଫେର୍ ଆସିକରି ଡ଼ାକ୍‌ବା ବବା ।

।।

ନେତା ବଢ଼େ ଚତୁର୍

ନେତା ବଢ଼େ ଚତୁର୍
କଥାଟା ଖଁଡ୍ ମଧୁର୍ ।
ଦିନ୍ ରାଏତ୍ ଗୁଟେ କରି
ଭୋଟ୍ ମାଗ୍‌ସି ଘୁରି ଘୁରି ।
ଭୋଟ୍ ସରିଗଲେ ସବୁ ପର୍‌ଛା
ଜିତି କରି ଦେଖ ମୁଡ୍‌ସି ମେଛା ।
କିଏ କାହାର, ନେତା ତ ଗଲାନ ଭୁବ୍‌ନେସର୍ ।

।।

କୁଇଲି ବଲି ପଛେ ପଡିକରି

କୁଇଲି ବଲି ପଛେ ପଡିକରି
କରି ଆନ୍‌ଲି କନିଆଁ,
ସକାଲ୍ ପାଏଲେ ପାଉଡର୍ ମଖା
ସବୁବେଲେ ଦର୍‌ପନ୍ ପାନିଆଁ ।।

କାଁ କର୍‌ମି, କାହାକେ କହେମି
ସତେ ଲାଗିଗଲା ରାହୁ,
ଦାଏଲ୍ ଢକ୍‌ତୋ ପାନିଆଁ କର୍‌ସି
ଭାତ୍ କେ କର୍‌ସି ଜାଉ ।।

ଚାପି ଚୁପି କରି ତୁନ୍ ପଡିଛେଁ
ଘରର୍ କଥା ଘରେ ଥାଉ,
ଗାଁ, ଘର୍, ଦୁଆର୍ ଛଡେଇ ଦେଲା
କାହାକେ କହେମି ଆଉ ।।

।।

କମିଶନ୍

ବନ୍ଦ୍, ହରତାଲ୍ ସବୁ ଦେଖି କରି
କମିସନ୍ ବସେଇ ଦେଲେ,
ଲୋକ୍ ବାଛୁ ବାଛୁ ଅଡୁଆ ହେଲା
ଛ ମାସ୍ ନେଇଗଲେ ।

ମିଟିଂ, ଇଟିଂ କେତେ ଚାଲ୍‌ଲା
ବୁଲି ବୁଲି ରାଏଜ୍ ସାରା,
ମେମ୍ବର୍‌ମାନେ କେତେ ଖୁସି
ବଦ୍‌ଲି ଗଲା ଚେହେରା ।

ଛ ମାସ ଭିତ୍‌ରେ ରିପୋର୍ଟ ଦେବାଟା
ଛ ବଛର୍ ହେଇଗଲା,
ଆପନ୍ ବି ଜାନିଛନ୍, ମୁଁଇ ଭି ଜାନିଛେ
ଇ ଭିତ୍‌ରେ ଦୁଇଟା ସରକାର୍ ବଦ୍‌ଲିଗଲା ।

।।

ପାଁଚ୍ ବଛର୍

ପାଁଚ ବଛର୍ ପରେ ମଂଗ୍ଲୁ
ଘରକେ ଫେରି ଆଏଲା,
ଗୁରୁବାରି, ଗୁରୁବାରି ବଲିକରି
କେତେ ଗେଲେ ଗେଲେ ଡ଼ାକ୍ଲା ।

ଘଏତା, ମାଏପୋର୍ ମିଲନ୍
ପାଁଚ ବଛର୍ ପରେ ହେଲା,
ଗୁରୁବାରି କେତେ ଖୁସ୍
ମଂଗ୍ଲୁର୍ କାନେ କହେଲା ।

ତମେତ ଜେନ୍ତା କେ ସେନ୍ତା ଅଛ
ମୁଇଁ କେତେ ଡରୁଥିଲିଁ,
କେତେ କଥା ମୁଡ଼େ ପୂରେଇ
ତଲ୍ ଉପର୍ ହଉଥିଲିଁ ।

ମଂଗ୍ଲୁ ବଏଲା, ମୁଇଁ ତୋର୍ ଥିଲି
ତୋର୍ ଅଛେଁ, ତୋର୍ ହେଇ କରି ଥିମି,
ମୁଁ ଇ କାଏଁ ସରକାର୍ ହେଇଛେଁ
ପାଁଚ୍ ବଛ୍ରେ ବଦ୍ଲି ଜିମି ।

।।

ମୋବାଇଲ୍

କାନୁ ଟୁଁଡ୍‌କେ, ଟୁଁ ଡୁ କାନ୍‌କେ
ତଲ୍ ଉପର୍ କରୁଥିସନ୍,
ହଗ୍‌ଲା ନୁ ମୁତ୍‌ଲାତକ
ସବୁ କଥା କହୁଥିସନ୍।

ଯାହାକେ ଦେଖ ହାତେ ଗୁଟେ
ଇଆଡ଼େ ପକେଟ୍ ଖାଲି,
ପେଟ୍ ପଛେ ପଡ଼ିଆ ଥଉ
ଇତାକେ ପୁରାସନ୍ ଖାଲି ।

ଦଶ୍ ଟଁକାର ଭାଉଚର୍ ଭରି
ଗୁପ୍‌ଚୁପ୍ ବାଗିର୍ ଖାଏସନ୍,
ସୁବିଧା ସାଙ୍ଗେ ମୁଡ଼୍ ବଥା କର୍‌ସି
ମୋବାଇଲ୍ ଇତାକେ କହେସନ୍ ।

।।

ଅଭିଯୋଗ

ଗଲି ଯାକର ଅନ୍ଧାର୍
ସବୁ ଲାଇଟ୍ ଖୁମାଥି ବଲ୍
ହେଲେ ଗୁଟେ ବି ଜଲ୍‌ବାର ନାଇଁ,
ମେଲି ହୋଇକରି ପଡ଼ାର୍ ଲୁକେ
ଅଫିସ୍ କେ ଗଲେ ଧାଇଁ ।

ସାହେବର୍ ମୁଡ୍ ଗରମ୍
ଏତେ ଲୋକ୍ ଦେଖିଦେଲେ,
ଦିମାଗ୍ ଖର୍‌ଚା କରି
ବାଟ୍‌ଟା ବାହାର କଲେ ।

ଲୋକ୍ ପଠଉଛେଁ ଆଜି ଲାଗ୍‌ବା
ବଲି ଲୋକ୍ ପଠେଇ ଦେଲେ,
ଗୁଦାମର ପୁଡ଼ା ବଲ୍ ନେଇ
ଖୁମାଥି ଲଗେଇ ଦେଲେ ।

। ।

ନେତା

ନଏଦ୍ ନି ଥିଲେ ପୁଲିଆ
ବନାମୁ ବଲି ଭାସନ୍ ଦେଲେ କହେସନ୍
'ନାଇଁ' ବଲ୍‌ବାଟା ନାଇଁ ଜାତ୍‌କେ
ହଁ ଖାଲି ବଲ୍‌ସନ୍।

ପାଁଚ ବଛରେ ଥରେ ଖାଲି
ଥିସି ତାଁକର ଟେନ୍‌ସନ୍,
କୁଟା, ବୁର୍ବୁଡ଼ା, ଠେଲା ପେଲା
ଯାହା ପାର୍‌ଲେ କର୍‌ସନ୍।

ଜିତିଗଲେ ଥରେ ଖାଲି
ଜୀବନ୍ ଯାକର୍ ମିଲୁଥିସି ପେନ୍‌ସନ୍,
ମୁଁ ଇଁ ଜାନିଛେ, ତମେ ଭି ଜାନିଛ
ଇତାକେ ନେତା ସଭେ ବଲ୍‌ସନ୍ ।

।।

ଇଣ୍ଟରଭିଉ

ଚାକ୍‌ରୀ ଦୁଇ ଚାର୍‌ଟା
ଦେବେ ବୋଲି କେତେ ଜାତ୍‌ରା,
ପରୀକ୍ଷା ଦିଅ, ଇଣ୍ଟରଭ୍ୟୁ ଦିଅ
ନି ମାନି ଖରା ତରା ।

କିଏ ଧାଇଁ ଧୁପି ବାର
କିଏ ବସି ଥାଇ ତେର,
କହେଲେ କାହା କେ କହେବ
ଇ ଯୁଗର୍ କାରବାର ।

ରିଜଲ୍ ବାହାର୍‌ଲା ବେଲକେ
ଅଡୁଆ ଅଡୁଆ ଲାଗ୍‌ଲା,
କିଏ ସାହେବର ପୁତୁରା
ଆର୍ କିଏ ଧରମ୍ ସଲା ।

।।

ଚକ୍‌ମା

ପିଲା- ବୁଆ ଗୋ, ଆମର୍ ଘର୍ ଆଗେ
ଆର୍ ଭିଡ୍ ଭାଡ୍ କିଛି ନାଇନ,
ଗାଡ଼ି ଉପରୁ ଲାଲ ବତୀ ସବୁ
ଖୁଲି କରି ରଖି ଦେଲେନ ।

ବରା ଦୁକାନ ଆମର ବୁଡ଼ିଯିବା କାଏଁ
ବଢ଼ା ଡର୍ ମତେ ଲାଗୁଛେ,
ଚେରେ ଚିର୍‌ଗୁନ ଦେଖା ନାଇନ
ମଶାନ୍ ଲେଖେନ୍ ଦିଶୁଛେ ।

କାଏଁ ଯେ ଏନ୍ତା ହେଲା ?
କିଏ କାଣା କରି ଦେଲା ?
ବୁଆ - କିଏ କିଛି ନାଇଁ କରି
ତାପ୍‌ନେ ନିଜେ କରିଛନ୍,
ବତୀ ଥିଲାବେଲେ କେତେ ଗରମ୍
ବେସି ଜାଲି କରି ପୁଡ଼େଇଛନ୍ ।

ଆଁ କରି ଥିବେ ପାଁଚ ବଛର
ଜଲୁଛେ କି ନାଇଁ ଦେଖିମା,
ଜେନ୍ତା ଗୁରୁକେ ସେନ୍ତା ଚେଲା
ଲୁକେ ଦେଇଦେଲେ ଚକ୍‌ମା ।

।।

ଜଙ୍ଗଲ ଭୋଟ୍

ବାଘୁଣୀ ବଲୁଛେ
ପାଟି ପିତା ପିତା ଲାଗୁଛେ,
ହରିଣ ଆନ୍‌ବାର ତ ଦୂରର କଥା
କୁଟୁରା, ସମ୍ବର ବି ନାଇଁ ଆସୁଛେ।

ବାଘ ବଏଲା ଦମ୍ ଧର,
ମୋର କଥାଟା ଟିକେ ଶୁନ.
ଭୋଟ ବେଲାକେ ଏନ୍ତା ହେଲେ
ବିଗିଡ଼ି ଯିବା, ଗାଉଛେଁ ରାମଧୁନ୍।

ନୂଆ କରି ଜଙ୍ଗ୍‌ଲେ ଭୋଟ୍ ହଉଛେ
ସୋର୍ ସୁତର୍ କାଣା ପାଏବୁ,
ଭୋଟ ସରିଯାଉ କେତେ ଆନ୍‌ମି
ମନ୍‌ଭରି କରି ଖାଏବୁ ।

।।

ଗାଏ - ବାଘ୍ - ଦାମୁର୍

ଗାଏର ସାଙ୍ଗେ ଦାମୁର୍
ଚରି ଯାଇଥିଲା,
ନାଇଁ ଜାନି ନର୍ଦି ନର୍ଦି
ଜଙ୍ଗଲ୍ ଭିତରେ ସମ୍ଲା।

ଗାଏ ନୁରି ନୁରି ଅଥା
ତା'ର ଘୁରି ଜାଉଥିଲା ମଥା,
ଦାମୁର୍ କେ ଧରି ବାଘ ଆଏଲା
ଗାଏ ଦେଖି ଅଥା ବିଥା ।

ବାଘ ବଏଲା ପିଲାକେ ଆନିଛୁ
ଆକଟ୍ କରି ରଖିଥା
ମୁଇଁ ପାଏଲି ବଲି ଆନ୍ଲି ସିନେ
କେତେବେଲେ କେନ୍ କଥା।

ବାଘ ବଏଲା ବାଏ ବାଏ
ଦାମୁର୍‌କଲା ଟାଏ ଟାଏ,
ଇସବୁ ଦେଖି ଗାଏର ମୁଣ୍ଡ୍
ହଉଥିଲା ବାଏଁ ବାଏଁ।

ଯମର୍ ମୁହଁଥୁ ଫିରି ଆଏଲୁ
ଜଲ୍‌ଦି ଘର୍‌କେ ଯିମା,
ଚାଟିଚୁଟି କରି ଦାମୁର୍‌କେ
ଦେଇଗଲା ଖାଲି ଚୁମା ।

ଦାମୁର୍ ବଏଲା ଯମ୍ ଯଦି ଆଏ
କେନ୍ତା ଛାଡ଼ି ଦେଲା,
ଗାଏ ବଏଲା ତୁଇ ନାଇଁ ଜାନୁ
ମୋର ଅନୁମାନ୍ ଠିକ୍ ହେଲା ।

ଜଙ୍ଗଲେ ଏବେ ଭୋଟ୍ ଅଛେ
ହେତିର୍ ଲାଗି ବାଘ୍ ସତୀ,
କହେଲେ ଇହାଁଦେ ଘାସ୍ ଆନିଦେବା
ଘରେ ବସି ଖାଏମା ଦିନ୍‌ରାତି ।

।।

ପେପର୍

ଚୋର୍, ଚୁହାଡ଼୍ ବଲି ବଡ଼ ଅଖର୍
ଯାହା ପାର୍‌ଲେ
ପହେଲା ଧାଡ଼ି ଥି
ଆଏଁଖ୍ ମୁଜିକରି ଛାପିଦେଲେ।

ଭୁଲ୍ ହେଇଗଲା
ବଲି ଆରଦିନ ଛୁଆ ଛୁଆ କରି
ତଲ୍ ଆଡ଼େ ଲେଖିଦେଲେ ।

କା'ର ସମିଆ ଅଛେ
ଆଘର୍ ଦିନର୍ ପେପର୍ ଖୁଜି
ଭୁଲ୍‌କେ ସୁଧାର୍ କର୍‌ବା,
ଖଡ଼ାଖିଆ ମାନେ
ପେପର୍ ଛାପ୍‌ଲେ
ଏନ୍‌ତା ସବୁ ହେବା ।

।।

ହାଏରେ ଫଟା କପାଲ୍

ହାଏରେ ଫଟା କପାଲ୍
ଦେଖ୍ ଦୁନିଆର ହାଲ୍
ଯାହାକେ ଦେଖ୍‌ଲେ ଉପର୍ ତଲ୍
ଖାଲି ଠନ୍ ଠନ୍ ଗୋପାଲ୍ ॥୧॥

ଲାଇଟ୍ ଲଗାମୁ ବଲି
କୁଡି ଦେଇଗଲେ ଖାଲ୍,
ଦେଖା ନାଇଁ, ଦର୍‌ସନ୍ ନାଇଁ
ହେଲାନ ପାଁଚ୍ ସାଲ୍ ॥୨॥

ଦେସର୍ କଥା ଚିନ୍‌ତା ନାଇନ
ନିଜେ ହେଇ ମାଲାମାଲ୍,
ଭକୁଆ ବନେଇ କଥା କହିକରି
ସମ୍ କୁ କଲେ କାଙ୍ଗାଲ୍ ॥୩॥

ପାଏନ୍ ଖାଏଲେ, ଜଙ୍ଗଲ୍ ଖାଏଲେ
କରିଦେଇ ସବୁ ଚାଲ୍,
କିନ୍ଦରି କିନ୍ଦରି ଗୁଟେ ମନ୍ତର
ଠନ୍ ଠନ୍ ଗୋପାଲ୍ ॥୪॥

ଚାଉମିନ୍, ରୋଲ୍ ଖାଏସନ୍ ସଭେ
ଗନ୍ଧି ଗଲାନ ଏଭେ ପଖାଲ୍,
ଭାଗବତ୍ ଗୁଡିନେ ବିଦେସି ପିଉଛନ୍
ମୁହୁଁ କେ କରି ଲାଲ୍ ॥୫॥

ଧାଇଁ ଧୁପି କରି ବାର ବାଜି ଯିବା
ହେଇଜିବୁ ଝାଲ୍ ନାଲ୍,
ଟେବୁଲ୍ ତଲୁ ପୁରେଇ ଦେଲେ
ନାଇଁ ହୁଏ ଖୋଡ୍ ତାଲ୍ ॥୬॥

ଇତାର୍ ଲାଗି ହେଇ ଜାଏସନ୍
ବାପ ପୁଅ ଦୁଇଫାଲ୍
ନି ପାଏଲେ ମାଇଝିର୍ ମୁହୁଁ ଲାଲ୍ ।
ଇ ଯୁଗେ ଇ ମନ୍ତର୍ ଜାନ୍‌ଲେ
ହେଇଯିବା ସବୁ କମାଲ୍
ସବୁ ଛାଡିକରି ଭଜୁଥା ଖାଲି
ଠନ୍ ଠନ୍ ଗୋପାଲ୍ ।
ଠନ୍ ଠନ୍ ଗୋପାଲ୍
ଠନ୍ ଠନ୍ ଗୋପାଲ୍ ।

। ।

ଧରମ୍ ସଲା

ଧରମ୍ ସଲା
ସଗଡ୍ ଗାଡ଼ିର୍ ଚକାର୍ ଖୀଲା
ମିସ୍ କଲ୍ ଦେଲେ ନର୍‌ଦି ଆଏଲା ॥

ଧରମ୍ ସଲା
ମୋର୍ ଖାଏଲା, ମୋର୍ ପିଇଲା
କୁଦୋ ପୁଆଲେ ଜୁଏ ଲଗାଲା ॥୧॥

ଧରମ୍ ସଲା
ମସ୍‌ନା ଛାଡ଼ି ଖଟ୍ ଧଏଲା
ମୁଡ୍ କାନ୍ ମୋର୍ ଗରମ୍ ହେଲା ॥୨॥

ଧରମ୍ ସଲା
ଘର୍‌କେ କଲାନ ଧରମ୍‌ସାଲା
କହେଲେ ନାନିର୍ ରୁସା ଫୁଲା ॥୩॥

ଧରମ୍ ସଲା
ଆଏଲେ ଜିବାର୍ ପାସ୍‌ରି ଦେଲା
ଦସ୍‌ରା ନୁ ଫଗୁନ୍ ପୁନି ହେଲା ॥୪॥

ଧରମ୍ ସଲା
ଆଏଲା ଗଲା, ବାଏଗନ୍ ପଲ୍‌ହା
ସରଗ୍ ଘର୍‌କେ ନରକ୍ କଲା ॥୫॥

। ।

ଦଏବି ଦେଇଛେ ଭେଟ୍ କରି

ଅସ୍‌କୁରା କେ ଅସ୍‌କୁରି
ଠିକାଦାର୍ ସାଙ୍ଗେ ମନ୍ତିରି,
ଦୁଇମାସେ ଇସ୍କୁଲ୍ ଧସ୍‌କି ଗଲା
ଦଏବି ଦେଇଛେ ଭେଟ୍ କରି ॥

କେତେଦେଲେ କେତେ ପାଏବେ
ଲେଖାଥି ପୁରିଛେ ଡାଏରି,
ତଲ୍ ଉପର ହେଲେ ଝଗ୍‌ଡା ହେସି
ଦଏବି ଦେଇଛେ ଭେଟ୍ କରି ॥

ଆଏଁଖ କାନ୍ ସବୁ ବନ୍ଦ୍ କରିଛନ୍
ଚାରି ଆଡ଼େ ହୁଲା ଜାରି,
କାହାକେ କହେବ, କାଣା କର୍‌ବ
ଦଏବି ଦେଇଛେ ଭେଟ୍ କରି ॥

ବାବାଜୀ ମାତାଜୀ କେତେ ଦେଖ୍‌ବ
ବୁଲୁଅଛନ ଘିରିଘିରି,
ମାହାପୁରୁ ସାଙ୍ଗେ ଖଟ୍‌ଲି ଖାଏସନ୍
ଦଏବି ଦେଇଛେ ଭେଟ୍ କରି ॥

।।

ଠନ୍ ଠନ୍ ଗୋପାଲ୍

ଗାନ୍ଧୀ, ନେହେରୁ, ସୁବାସ
ସାଙ୍ଗେ ଲାଲ, ବାଲ୍ ଆଉର୍ ପାଲ୍,
ଡିଙ୍ଗ୍‌ରା ପିଟି ବାହାର କର୍‌ଲେ
ଗୁରା ମାନ୍‌କର ଝାଲ୍ ॥

ଦେଶ୍ ଫାଡ୍‌ଲେ, ଭାରତ ଛାଡ୍‌ଲେ
ମୁହୁଁ କେ କରି ଲାଲ୍,
ସ୍ୱାଧୀନ୍ ଦେସ୍ କେ ସଭେ ମିସିକରି
କରି ଦେଲେନ କାଙ୍ଗାଲ୍ ॥

କାହାକେ କହେବ, କାଣା କର୍‌ବ
ଦେଖ ଇ ଦେସର୍ ହାଲ୍,
ଗୁଟେ ମନ୍ତର୍ ଖାଲି ସଭେ ଜାନିଛନ୍
ଠନ୍ ଠନ୍ ଗୋପାଲ୍ ॥

।।

ଚଉପଦି

କବି ଲେଖିଲେ ଚଉପଦି
ହିରୋଇନ୍ ର କାନ୍ଦି ।

ଦୁହି ଆଖିଥୁ ବହୁଛେ ଝରନ୍
ଜେନ୍ତା ଅସାଢ୍ ସରାବନ୍ ।

ନେତା ଇତାକେ ପଢ୍ଲେ
ପଢିକରି ମେଛା ମୁଡ୍ଲେ ।

ଗାଡି, ଘୁଡା ରେଡି କର
ଜଲ୍ଦି ଜଲ୍ଦି ବାହାର ।

ହିରୋଇନ୍ କେ ଡାକି ଆନ୍ମା
ଆମର୍ ଇଠାନେ ଠିଆ କର୍ମା ।

ଇ ମରୁଡି ଜିବା ସଲ୍ଖି
ଜେତେବେଳେ ଇନ ଖୁଲ୍ବା ଆଖି ।

।।

ସୁନ୍‌ରେ ପୁତା

ସୁନ୍‌ରେ ପୁତା
ହେବୁ ଜଦି ଅସ୍‌ଲି ନେତା,
କହେବୁ କଥା, କାଟ୍‌ବୁ ଚିତା
ସମ୍‌କୁ ହଁ ବଲ୍‌ବୁ ।

ସବୁ କଥାକେ ତର୍‌କି ଥିବୁ
ନାଁଇ ହଜାବୁ ବାଡି,
କାହାକେ ଦେବୁ ଗୁଡାଖୁ ଡବା
ତ କାହାକେ ଦେବୁ ବିଡି ।

କାହାକେ ଦଦା, କାହାକେ ଭାଇ
କାହକେ ବଲ୍‌ବୁ ଖୁଡି,
ସଲ୍‌ଖେଇ କରିଥିବୁ ବଏଲେ
ପିନ୍ଧାବେ ତତେ ପାଗ୍‌ଡି ।

ପାଗଡି ପାଏଲେ ବାଗ୍‌ଡି ଖେଲ୍‌ବୁ
କେବେ ବାଘ୍ କେବେ ଛେଲ୍,
କାମ୍ ଆଉର୍ କଥା ଭିତ୍‌ରେ
ନାଇଁ ରଖ୍‌ବୁ ମେଲ୍ ।

। ।

ଦେଖ୍‌ଲେ ହଁସୁଥିଲା

ଦେଖ୍‌ଲେ ହଁସୁଥିଲା
କେତେବେଳେ ହସଉ ବି ଥିଲା,
ଦୁରିଆ ନୁ ଦେଖି ଦେଲେ
ଲାଜ୍ ବି କରୁଥିଲା ।

ମୋର୍ ମୁଡ୍ ହେଲା ଢିଲା
ହାତ୍ ଗୋଡ୍ ଘୁଲେଇ ହେଲା,
ହେଲୁଆ ନାଁଇ କରି
ସେ ଭି ପାସ୍‌କେ ଆଏଲା ।

(ହେଲେ) ରାଧା ନାଚ୍‌ଲା ବେଲ୍‌କେ
ମାନ୍ଦଲ୍ ଟା ଫାଟି ଗଲା,
ବାତ୍ ଚିତ୍ କଲା ପରେ ଜାଁନ୍‌ଲି
ପାଗ୍‌ଲି ଆଏ, ଏବେ ରାଁଚି ନୁ ଆଇଥିଲା ।

।।

କେନ୍ କଥାକେ ହେଲୁଆ

ତୋର୍ ଗାଲି, ତୋର ସଁପା
କେଭେ ନାଇଁ ଧରେଁ
ତୋର୍ କଥାଥି ବାଟ୍ ଚାଲ୍‌ମି
କିଛି ନାଇଁ କରେଁ ।

ସବୁ କଥାଥି ମୁଇଁ ରାଜି
ଆର୍ କେନ୍ କଥାକେ ହେଲୁଆ,
ସୁନାର୍ ଅଁଡ଼ା ଦେଉଛୁ ତୁଇ
ହଁ କଲେ ହେମା ବିହା ।

ଯୁଗ୍ ଗଲାନ ବଦ୍‌ଲି
ମୁଁଇ ଅଛେଁ ବେକାରୀ
ବଏସ୍ ଗଡ଼ି ଗଲାନ ମୋର
ଆର୍ ନାଁଇ ମିଲେ ଚାକ୍‌ରି ।

ତୋର୍ ଚାକ୍‌ରି ଆର୍ ମୁଁଇ ବେକାରୀ
ରାଜ୍ ଜୁଟକ୍ ହେଇ ଯାଇଛେ
ଉନିଆ ବିଚାର୍ ନାଇଁ କର୍
(ତୋର) ବିହା ବଏସ୍ ଗଡ଼ି ଜଉଛେ ।

। ।

ଗାଁଟା ବଦ୍‌ଲି ଜଉଛେ

ମୋର୍ ଗାଁଟା ବଦ୍‌ଲି ଜଉଛେ
ଗୁର୍, ଭୁଜା କିଏ ନାଇଁ ଖାଏବାର୍
ହଟୁଲେ ଭିଡ୍ ଲାଗିଛେ ॥
ବେଲ୍‌ବୁଡ଼ାକେ ଭାଗବତ୍ ଗୁଡ଼ିନେ
ଟିଭି, ଡ଼ିଭିଡ଼ି ଚଲୁଛେ ।
ମୋର୍ ଗାଁଟା ବଦ୍‌ଲି ଜଉଛେ ॥
ଛୋର୍, ଗୁଡୁ ଆଉ ନାଇଁ ଖେଲ୍‌ବାର
କିର୍‌କେଟ ବଲ୍ ବୁଲୁଛେ,
ମୋର୍ ଗାଁଟା ବଦ୍‌ଲି ଜଉଛେ ॥
ପସାପାଲି, ସମ୍ବଲପୁରୀ, ବମ୍‌କେଇ ଛାଡ଼ିଦେଇ
ଲେକ୍‌ରି ପିନ୍ଧି ସମ୍ବଲପୁରୀ ନାଚୁଛେ
ମୋର୍ ଗାଁଟା ବଦ୍‌ଲି ଜଉଛେ ॥
ବେଲ୍ କି କୁସେର ପନା ନାଇଁ ମିଲ୍‌ବାର
ହେଲେ ବିଦେଶୀ ମଦ୍ ମିଲୁଛେ
ମୋର୍ ଗାଁଟା ବଦ୍‌ଲି ଜଉଛେ ॥
ନିଏ, ବେହେରେନ୍ କଥା ନାଇଁଛିଡ଼େ
ମନ୍ କଲେ ପୁଲିସ୍ ଗାଁକେ ଆସୁଛେ,
ମୋର୍ ଗାଁଟା ବଦଲ୍ ଜଉଛେ ॥
ପାର୍‌ବୁ ଯଦି ମୁଜିକେ ଧର
ନାଇଁ ହ ଆଉ ତଲ୍ ଉପର୍
ଏଭେ ଭି ସମିଆ ବଁଚିଛେ
ଏଭେ ଭି ସମିଆ ବଁଚିଛେ
ଏଭେ ଭି ସମିଆ ବଁଚିଛେ ॥

।।

ନେତା

ଭୋଟ୍ ବେଲ୍‌କେ କେତେ ବଲ୍
ଠିଆ ଠିଆ ଖାଲି ଥିସନ୍
ହାତ୍ ଦୁଇଟା ଫେଭିକଲ୍‌ଥି
ଲଟ୍‌କେଇ ଦେଇ ଥିସନ୍ ॥

ଭଲ ହଉ ଖରାପ୍ ହେଉ
ଦାଁତ ବାହାରି ଜାଏସି,
ଦାଁତ ପାଉଡ଼ର୍ ବିକ୍‌ଲା
ଲୋକ୍ ଭି ହାରି ଜାଏସି ॥

ଜିତିଗଲେ ଚଉକିକେ
ଧରି କରି ବସି ଥିସନ୍,
ଦେଖା ହେଲେ ଢ଼େବ୍‌ରି ହାତ୍‌କେ
ହଲେଇ ଦେଇ ଜାଏସନ୍ ॥

। ।

ଦାତା-ଦଏବ

ଭୋଟର୍ ଭାଇ ନର୍‌ଦି ଆସ
କର୍‌ମା ଏଭେ ଭୋଟ୍ ଚାସ ॥

ମୋର୍ ପଛ୍‌ଆଡ଼େ ଠିଆ ହେଇ
ରଥର୍ ଚକା ଦିଅ ଗଡ଼େଇ ॥

ଜିତେଇ ଦେଲେ ହେମି ମନ୍ତିରି,
ତୁମ୍‌କୁ ନାଇଁ ଦିଏଁ ପାସ୍‌ରି ॥

କହିଦିଅ ଯିଏ ଯାହା ନେବ,
ହେଲେ ମତେ ଭାଇ ଭୋଟ୍ ଦେବ ॥

ଦୁଇ ହାତ୍ ଜୁଡ଼ି ହଉଛେଁ ଜୁହାର୍
ତୁମେ ଦାତା ଦଏବ ମୋର୍ ସଁସାର ॥

। ।

ଜିତ୍‌ଲା ପରେ

ଭେଟ୍ ହେଲିଁ ଯାଇ ଭୁବ୍‌ନେସରେ,
ଭୋଟ୍ ନୁ ନେତା ଜିତ୍‌ଲା ପରେ ॥

କହେଲେ କେନୁ ଆଇଛ ବାବୁ
ଖାଲି ଆଇଛ କି ଧରିଛ ଡ଼ାବୁ ॥

କାଣା କାମ୍ ଅଛେ ଜଲ୍‌ଦି କହ,
ନାଇଁ ହେଲେ କାଲି ଆଏବ ଯାଅ ॥

ଆର୍ ଦିନେ ନେତାର୍ ଘରକେ ଗଲିଁ
ବାରବାଜି ଗଲା ଦେଖା ନାଇଁ ହେଲିଁ ॥

ବେଲ୍ ବୁଡ଼ା ବେଲେ ଭେଟ୍ ହେଲେ,
ମିଟିଂ ଜଉଛେଁ କହି ପଲେଇ ଗଲେ ॥

ଲୁକ୍‌ଲୁକାନି ଖେଲ ସାଂଗେ ଆମର୍
ଭୋଟ୍ ଦେଇ ଆମେ ହେଲୁଁ ପଥର ॥

। ।

ଲଡ଼ଙ୍ଗ୍‌ଫସ୍

ନାଁଟା ଲଡ଼ଙ୍ଗ୍ ଫସ୍
ଖାନା ଖାଏସି ମସ୍‌ମସ୍
କବାର୍ ବୁତା ଟିକେ ନାଇଁ କରେ
ବର୍‌ଗି ଦେଲେ ପଲାସି ଖସ୍ ଖସ୍ ॥

ଜେନ୍ତା ଲୋକ୍ ଆସୁ ପାସ୍‌କେ
କରି ଦେବା ଉଠ୍ ବସ୍
ଢେଁକି ସାଲୁ ଢେଁଙ୍କାନାଲ ତକ୍
କଥାଥି ବଡ଼େ ବର୍‌କସ୍ ॥

ଭୋଟ୍ ବେଲାକେ ଯିଏ ଭି ଆସୁ
ଅସୁଲ୍ କର୍‌ସି ହଜାରେ ହେଉ କି ଦସ୍
ଠିକ୍ ଜାନିଛେ ମୁଁଜି କଥାଟା
ଇ ତିହାର୍ ନାଇଁ ଆସେ ପାଁଚ ବରସ୍ ॥

। ।

ଦର୍‌ବୁଢ଼ା

ତଲେ ନାଇଁ କି ଉପରେ ନାଇଁ
ମଝି ବଏସେ ଅଛେ
କମାନି ଠାନୁ ଖର୍‌ଚା ବେସି
ମୁଡ୍ କିନ୍ଦ୍‌ରି ଜଉଛେ ।

ସଖାଲୁ ଉଠି ବେଲ୍‌ବୁଡ୍‌ାତକ୍
ଇଆଡ଼େ ସେଆଡ଼େ ହେସି,
ବେଲ୍ ବୁଡ୍‌ଲେ ଘରକେ ଆଏଲେ
ହିସାବ୍ କରସି ବସି ।

ସୁଇଲା ଘରର୍ ବତୀ
ଜଲଦି ଲିଭେଇ ଦେସି,
ପଏସା ଚିନ୍ତା କମିଜିବା ବୋଲି
ଅନ୍ଧାରେ ଟିକେ ସୁଇସି ।

। ।

ମଶା

ଅନ୍ଧାର ହେଲେ ମାଡ଼ି ଆଏସି
କେତେ ଗୀତ୍ କାନେ ସୁନାସୀ,
ତମର୍ ଇଛା ଥଉ ନି ଥଉ
ସୁଜା ଦେମି ବଲି କହେସି ।
ବାତ୍, ଡେଙ୍ଗୁ, ମେଲେରିଆର୍
ସୁଜା ଦେସି ମାହାଲିଆ,
ମସା ନାଁଥି ସଭେ ଜାନିଛନ୍
ସହରିଆ ହେଉକି ଗାଁଅଲିଆ ।

ଛପନ୍ କୁଟି ଜୀବନ୍ ଭିତରେ
ଅଲଗା ଜୀବନ୍ ଗୁଟେ,
ଗୀତ ଗାଇ କରି ଆଏସି ଆରୁ
ମାରି ଦେସି ଚୁଟେ ।

।।

ମନ୍ତିରି

ଭୋଟ୍ ବେଲାକେ କେତେ ଫୁଲେଇ
ଇହାଁଦେ କାଁ କରି ଆଏସ,
କେତେକେତେ କଥା କହୁଥିଲ
ଅଲ୍‌ଗେ ଖସ୍‌ରି ବସ ॥

ଘିଚିଟାନି କରି କାଙ୍ଗାଲ୍ କରିଛ
ଦେମି କାଏଁ ମନୁ ପାସ୍‌ରି
ଦସକତ୍ ମାର୍‌ଲେ ପଏସା ନେମି
ହେଇଛେଁ ରାଏଜର୍ ମନ୍ତିରି ॥

। ।

ନେତାକେ ଚଉକି ଚେଲାକେ ଠିକା

ନେତାକେ ଚଉକି ଚେଲାକେ ଠିକା
ଜାତ୍‌ରା ଦେଖା ସାଙ୍ଗେ କଦ୍‌ଲି ବିକା ॥

ବୁଲି ବୁଲି କରି ଭୋଟ୍ ମାଗ୍‌ସି
ହାତ୍ ଜୁଡ଼ି କରି ଜୁହାର୍ ହେସି ॥

ଭୋଟ୍ ସରିଗଲେ ଦେସି ପାସ୍‌ରି
ପଲେଇ ଜାଏସି ଫୁର୍ କରି ॥

ହାରୁ ଜିତୁ ଗଲା ପାଁଚ୍ ବଛର୍
ଫେର୍ ଆସିକରି ଘରେ ହାଜର୍ ॥

। ।

ଭୋଟ୍ ଚିର୍କୁଟି

କେନ୍‌ସି ପାଟିର୍ ମୁଇଁ ନାଇ ସେ ସ୍ୱାଧିନ୍ ଭାବେ ଉଠିଛେଁ
ଜିତିଗଲେ କାଁ କର୍‌ମି କାଗଜ୍ ଗୁଟେ ଛାପିଛେଁ ॥

ଘରେ ବସି କରି ଖାନା ଖାଏବେ ଇ କଥା ମୁଇଁ ଦଉଛେଁ
ଦୁଇ ବେଲ ଯାଇ ପହଁଚି ଜିବା ତୁମର୍ ମୁଡ଼ର୍ କିରିଆ କରୁଛେଁ ॥

ରୁନ୍ ଛାଡ଼୍ କଥା ଜୁନ୍‌ହା ହେଲାନ୍ ହାତ୍ ଉଧାରୀ ଭି ସୁଝ୍‌ମି
ଜିଏ ଜେତେ ବଲ୍‌ବା ରୁନ୍ ଦେମି ଆଉ ଥରେ ଛାଡ଼୍ କର୍‌ମି ॥

ଚାକ୍‌ରୀ ବାକ୍‌ରୀ ସମ୍‌କୁ ମିଲ୍‌ବା ରିଜରଭେସନ୍ ଟା କର୍‌ମି
କାହାର୍ ମନେଟିକେ ଦୁଖ୍‌ନାଇଁ ଦିଏଁ ଇ କଥାଟା ରଖ୍‌ମି ॥

ଦର୍‌ଦାମ୍ ସବୁ ତାର୍ ବାଟେ ବଢ୍‌ବା ବନ୍ଦ ନାଇଁ କରିପାରେ
ଇଟାକେ ଧଏଲେ ଦୁକାନି ଭୋଟ୍ ମୋର୍ ପଲେଇ ଯାଇପାରେ ॥

ଦର୍‌ମା ସବୁ ବଢେଇ ଦେମି ଇ କଥାର୍ ଗେରେଣ୍ଟି ଦେମି
ବଛର୍ ଭିତ୍‌ରେ ମହଂଗାଭତ୍ତା ଚାଏର୍ ଥର ଦେଇଦେମି ॥

ଫିଜ୍ ଦେଇ କରି ଜିଏ ଜାହା ପାର୍‌ବା ଲାଁଚ୍ ନେଇପାର୍‌ବା
ଏନ୍ତା ହେଲେ ବହୁତ୍ ପଏସା ସର୍‌କାର୍ ନିକେ ଆଏବା ॥

ସଟ୍‌ଘଟ୍ ଆରୁ ନାଇଁ ହୁଏ ଟେଜେରୀ ପୁରିଜିବା
ଲାଁଚ ପଏସା ସବୁ ବାହାର୍ କେନି ଜାଇ ଆମର୍ ଠାନେ ରହେବା ॥

ମୋର୍ ଗାଡ଼ିଥି ବସିକରି ଭୋଟ୍ ଦେବାକେ ଜିବେ
ଆଏଲା ବେଲ୍‌କେ ପସନ୍ଦ୍‌କରି ଜିନିଷ୍ ଗୁଟେ ଆନ୍‌ବେ ॥

ଆଗ୍‌ରୁ କିଏ ଏନ୍ତା କଥା ନାଇଁ କହି ମୁଇଁ ଜାନିଛେ
ଜିତ୍‌ଲା ପରେ ନାଇଁ କର୍‌ଲେ ମୁହୁଁ ନାଇଁ ଦେଖେ କହୁଛେଁ ॥

। ।

କାହାକେ ଟୁକେଲ୍ ମାଗ୍‌ମି

ହଏଗୋ ସୁନୁଛ
ଆମର୍ ମଂଗ୍‌ଲୁ ଲାଗି
ବିହା ଖବର୍‌ଟେ ଆଇଛେ,
ଟୁକେଲ୍ ଦାମ୍ ବାଗିର୍ ଗୁରି
ଟିକେ ଛୁଟି ଆଭର୍ ଲଖ୍‌ନୀ ଟେରି ବଲି
ଶୁକ୍‌ରୁର୍ ବୁଆ କହୁଛେ ॥
ପଏସା, ଜଉତୁକ୍ ସବୁ ଦେବେ
ମତେ କେନ୍ତା କେନ୍ତା ଲାଗୁଛେ,
ହଁ ବଲ୍‌ମା କି ନାଇଁ ବଲ୍‌ମା
ତମର୍ କାଣା ବିଚାର୍ ହଇଛେ ॥
ମତେ କାଣା ଆର୍ ପଚ୍‌ରଉଛୁ
କାଁ କରି ହେମା ହେଲୁଆ
ଛୁଟି ହଉ କି ଟେରି ବିହାକଲେ
ସରିଜିବା ସବୁ ଅଡୁଆ ॥
ପଏସା, ଜଉତୁକ୍ ସବୁ ମିଲ୍‌ବା
ମଂଗ୍‌ଲୁ କେ ମୁଇଁ ମନାମି,
ତାର୍ ଭି ଚାକ୍‌ରୀ ନାଇଁ
କାହାକେ ଟୁକେଲ୍ ମାଗ୍‌ମି ॥
ଜିଏ ଆଏଲେ ତ ଘରେ ରହେବା
ଥିର୍ ଟିକେ ଦେଲେ ପିଇମା,
ବିନା ଜଉତୁକେ ସଲଖିଟା ଆନ୍‌ଲେ
ଆରଥର କାଏଁ ଅଲଂପିକ୍ କେ ପଠାମା ॥